# ପ୍ରଥମ ସେକେଣ୍ଡ ଚାନ୍ସ ପ୍ରୋଗ୍ରାମ୍ 2021-2022

## ବିଜ୍ଞାପନ ଲିଖନ – ରିଡିଙ୍ଗ କାର୍ଡ଼

**ବିଜ୍ଞାପନ ଲିଖନ ଗତିବିଧିର ଉଦ୍ଦେଶ୍ୟ**- ବିଦ୍ୟାର୍ଥୀଠାରେ ସୃଜନାତ୍ମକ ଚିନ୍ତାଧାରା ଓ ଲିଖନ କ୍ଷମତାର ବିକାଶ କରିବା । ଆତ୍ମବିଶ୍ୱାସ ବଢାଇବା । ସ୍ୱ-ରୋଜଗାର ପାଇଁ ପ୍ରେରିତ କରିବା ।

**ଗତିବିଧି କାହିଁକି ଜରୁରୀ ?** ବିଦ୍ୟାର୍ଥୀମାନଙ୍କ ପାଖରେ ରଚନାତ୍ମକ ଚିନ୍ତାଧାରାର ଅଭାବ ଦେଖିବାକୁ ମିଳିଥାଏ । ଏମାନଙ୍କର ଚିନ୍ତା କରିବା, କହିବା ଓ ଲେଖିବାର ପଦ୍ଧତିରେ ରଚନାତ୍ମକତା ଆଣିବାପାଇଁ ତଥା ପଢିଥିବା ବିଷୟକୁ ସ୍ୱ-ରୋଜଗାର ସହିତ ଯୋଡିବା ପାଇଁ ଏହି ଗତିବିଧି କରିବା ଜରୁରୀ ଅଟେ ।

**କିପରି କରିବେ :-** ପ୍ରଥମେ ତୁମେ ନିଜକୁ ପଚାର ଯେ ବିଜ୍ଞାପନ ଶବ୍ଦ ଶୁଣି ତୁମ ମନକୁ କଣ କଣ ଆସୁଛି କୁହ ? ତୁମେ କହିଥିବା ସମସ୍ତ ଉତ୍ତରକୁ ତୁମେ ନିଜେ ତୁମ ଖାତାରେ ଲେଖ । ଯେପରି - ବିଜ୍ଞାପନ କୌଣସି ବସ୍ତୁକୁ ବିକ୍ରି କରିବା ବା ପ୍ରଚାର କରିବା ପାଇଁ ପ୍ରୟୋଗ କରାଯାଇଥାଏ । ଏହା ମାର୍କେଟିଂର ମାଧ୍ୟମ ଅଟେ । ଏହାପରେ ତୁମେ ନିଜକୁ ପଚାର- କଣ ମୁଁ ମଧ୍ୟ ବିଜ୍ଞାପନ ଦେଖି କିଛି କିଣାକିଣି କରୁଛି ? ଏହା ଉପରେ ତୁମର ଉତ୍ତର କିଛି ଏହିପରି ହୋଇପାରେ; ଯେପରି - ବିଜ୍ଞାପନରେ ଦେଖା ଯାଉଥିବା ବିଷୟ ନିଜର ଆବଶ୍ୟକତା ଓ ବଜେଟ୍ ଅନୁସାରେ ହୋଇଥାଏ ତେଣୁ ଆମେ କିଣୁ । ଆମକୁ ହିଁ ଆଗକୁ ପଚାରିବାକୁ ପଡିବ - କଣ ଆମେ ମଧ୍ୟ ନିଜର କିଛି ବସ୍ତୁକୁ ବିକିବା ବା ପ୍ରଚାର କରିବାପାଇଁ କିଛି ବିଜ୍ଞାପନ କରିଛେ ? ହୋଇପାରେ ଅଧିକାଂଶ ଉତ୍ତର ନାହିଁ ହୋଇପାରେ । ଏବେ ଆଗକୁ ପଚାର - ଆମର କାମ ବା ଘରୋଇ ବ୍ୟବସାୟ ସହିତ ସମ୍ବନ୍ଧୀତ ଆମେ କଣ କଣ ବିଜ୍ଞାପନ କରିପାରିବା ? ବିଦ୍ୟାର୍ଥୀଙ୍କ ଦ୍ୱାରା କୁହାଯାଉଥିବା ବିଷୟକୁ ନିଜେ ନିଜ ଖାତାରେ ଲେଖିବେ । ଏପରି ବହୁତ ବିଷୟ ଅଛି ଯାହା ଆମର ଛାତ୍ରୀ/ମହିଳାଙ୍କ ଜୀବନ ସହିତ ଜଡିତ ରହିଥାଏ । ବିଦ୍ୟାର୍ଥୀଙ୍କ ଦ୍ୱାରା ବିଜ୍ଞାପନର ଏହି ବିଷୟଗୁଡିକ ହୁଏତ ଆସି ନପାରେ । ତେଣୁ ସେମାନଙ୍କ ବିଷୟ ସହିତ ତୁମେ ଏହି ବିଷୟଗୁଡିକୁ ଯୋଡି ଦିଅ - ଯେପରି ଘର ବିକିବା ବା କିଣିବା, ପୁରୁଣା ବାଇକ୍, ଜିପ୍, କାର ବିକିବା, ସିଲେଇ ସେଣ୍ଟ ହାଉସ୍, ଚିତ୍ରାଳୟ, ମେହେନ୍ଦୀ ସେଣ୍ଟରର ବିଜ୍ଞାପନ କରିପାରିବେ । ଏବେ ଶ୍ରେଣୀରେ ଆଲୋଚନା କର ଯେ ବିଜ୍ଞାପନ ତିଆରି କରିବା ସମୟରେ କେଉଁ କେଉଁ ବିଷୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ ? ସେମାନଙ୍କ ଦ୍ୱାରା କୁହାଯାଇଥିବା ବିଷୟକୁ କଳାପଟାରେ ଲେଖ । ଯେପରି

- **ମୁଖ୍ୟ ଶୀର୍ଷକ(ହେଡ୍ ଲାଇନ)**
- **ସୂଚନା ଅଧିକ ଲମ୍ବା ନ ହେବା ଆବଶ୍ୟକ ।**
- **ସରଳ ଓ ସହଜ ଭାଷାର ପ୍ରୟୋଗ**
- **ଆକର୍ଷକ ଚିତ୍ର**
- **ସମ୍ପୂର୍ଣ୍ଣ ଠିକଣା ( ଦୂରଭାଷ ନଂ, ଇ-ମେଲ୍ ଆଇ.ଡି, ଠିକଣା, ୱେବ ସାଇଟ୍...)**
- **ସ୍ପଷ୍ଟ ସୂଚନା**

**ଉପଭୋକ୍ତାଙ୍କୁ ଧ୍ୟାନ :**

ଏବେ ତୁମକୁ ଆଲୋଚନା କରିବାକୁ ହେବ ଯେ,ବିଜ୍ଞାପନର ମାଧ୍ୟମରେ କଣ କଣ ହୋଇଥାଏ ? ଏହା ଉପରେ ତୁମ ସହିତ ପାମପ୍ଲେଟ, ଅଡିଓ ଓ ଭିଡିଓ ଆଦି ବିଜ୍ଞାପନର ତିନୋଟି ମାଧ୍ୟମ ବିଷୟରେ କୁହ । ପ୍ରତ୍ୟେକଙ୍କୁ ଅଲଗା-ଅଲଗା ପାମପ୍ଲେଟ, ଅଡିଓ ଓ ଭିଡିଓ ତିଆରି କରି ବିଜ୍ଞାପନ ପ୍ରସ୍ତୁତ କରିବାକୁ ଟାସ୍କ ଦିଅ । ତୁମ ଦ୍ୱାରା ପ୍ରସ୍ତୁତ ହୋଇଥିବା ବିଜ୍ଞାପନର ପ୍ରସ୍ତୁତିକରଣ କରାଅ । ବିଜ୍ଞାପନର ଅଡିଓ ଓ ଭିଡିଓ ତିଆରି କରୁଥିବା ସମୟରେ ମୋବାଇଲ ଫୋନର ସହାୟତା ନେଇ ପାରିବେ । ତୁମ ଦ୍ୱାରା ତିଆରି ହୋଇଥିବା ବିଜ୍ଞାପନ ଉପରେ ଆଲୋଚନା କର ଓ ସଠିକ୍ ମତାମତ/ଫିଡବ୍ୟାକ୍ ଦିଅ ।

ପ୍ରାରମ୍ଭିକ ଦିନରେ ଏହି ଗତିବିଧି ନିଜେ କରାଇବାକୁ ହେବ କିନ୍ତୁ ଧିରେ-ଧିରେ ଆମର ପ୍ରତ୍ୟେକ ବିଦ୍ୟାର୍ଥୀଙ୍କୁ ବିଜ୍ଞାପନ ତିଆରି କରିବାର ଦକ୍ଷତା ଆସିବା ଆବଶ୍ୟକ ଅଟେ । ଏଥିପାଇଁ ସେମାନଙ୍କୁ ସ୍ୱୟଂ ଅଧିକରୁ ଅଧିକ ବିଜ୍ଞାପନ ଲେଖିବାର ଅଭ୍ୟାସ କରାଇବାକୁ ହେବ । ସମାପ୍ତ